# NATIONAL NEWS BULLETIN (ODIA)
## 8 May - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୦ ତାରିଖର ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୬୯୫ ଜଣ ପ୍ରାର୍ଥୀଙ୍କର ନିର୍ଦ୍ଧାରିତ ହେବ ରାଜନୈତିକ ଭାଗ୍ୟ ।
- ଶାରିରୀକ ରଙ୍ଗ ଆଧାରରେ ଲୋକଙ୍କ ଅସମ୍ମାନକୁ ବରଦାସ୍ତ କରାଯିବା ଉଚିତ୍ ନୁହେଁ ବୋଲି କହିଛନ୍ତି, ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଓଡ଼ିଶାରେ ଦୁଇଟି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।
- ବିମାନ ଉଡ଼ାଣ ବାତିଲ ନେଇ ଏୟାର ଇଣ୍ଡିଆ ଏକ୍ସପ୍ରେସଠାରୁ ରିପୋର୍ଟ ମାଗିଲା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିବ ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ।

## ଫିଫ୍ଥ ଫେଜ୍

ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୬ଟି ରାଜ୍ୟ ଏବଂ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ୪୯ଟି ସଂସଦୀୟ କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ୬୯୫ ଜଣ ପ୍ରାର୍ଥୀ ତାଙ୍କ ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି । ଏହି ପର୍ଯ୍ୟାୟ ପାଇଁ ମୋଟ୍ ୧ହଜାର ୫୮୬ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ଯାଞ୍ଚ ପରେ ୭୪୯ ଜଣଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିଲା । ସେମାନଙ୍କ ମଧ୍ୟରୁ ୫୪ ଜଣ ପ୍ରାର୍ଥୀ ତାଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି ।

ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ବିହାର ଓ ଓଡ଼ିଶାର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି ଏବଂ ଜମ୍ମୁ-କଶ୍ମୀର ଓ ଲଦାଖର ଗୋଟିଏ ଲେଖାଏଁ ଲୋକସଭା ଆସନ ପାଇଁ ମତଦାନ ହେବ ।

## ପିଏମ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶାରିରିକ ରଙ୍ଗ ଆଧାରରେ ଲୋକଙ୍କ ଅସମ୍ମାନକୁ ବରଦାସ୍ତ

କରାଯିବା ଉଚିତ୍ ନୁହଁ। ତେଲେଙ୍ଗାନାର ଓ୍ୱାରାଙ୍ଗଲରେ ଏକ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କଂଗ୍ରେସକୁ ଆହୁରି ଆକ୍ଷେପ କରି କହିଛନ୍ତି, ବିଜେପିର ନୀତି ହେଉଛି ଦେଶ ପ୍ରଥମ । ଏହି ନୀତି ଆଧାରରେ ବିଜେପି କାମ କରେ । କିନ୍ତୁ ଅନ୍ୟ ପକ୍ଷରେ କଂଗ୍ରେସ ଏବଂ ବି.ଆର୍.ଏସ୍. ନୀତି ପରିବାରବାଦ ଉପରେ ପର୍ଯ୍ୟବେଶିତ । ଏହି କାରଣରୁ  ବହୁ ଯୋଗ୍ୟ ବ୍ୟକ୍ତିଙ୍କୁ ପୂର୍ବରୁ କଂଗ୍ରେସ ଅବହେଳା କରିଆସିଛି ବୋଲି ସେ ଅଭିଯୋଗ କରିଆସିଛନ୍ତି । ଅନ୍ୟ ପକ୍ଷରେ ବିଜେପି ସେହିଭଳି ବ୍ୟକ୍ତିତ୍ୱଙ୍କ ପ୍ରତି ସମ୍ମାନ ଜଣାଇ ତାଙ୍କୁ ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ପ୍ରଦାନ କରିଛି ବୋଲି ସେ କହିଛନ୍ତି ।

କାଳେଶ୍ୱରମ ଉଠା ଜଳସେଚନ ପ୍ରକଳ୍ପ ଦୁର୍ନୀତିରେ ସମ୍ପୃକ୍ତ ଥିବା ବି.ଆର୍.ଏସ୍. କର୍ମକର୍ତ୍ତାଙ୍କୁ କଂଗ୍ରେସ ସୁରକ୍ଷା ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି ।ତେଲେଙ୍ଗାନାରେ କଂଗ୍ରେସ ସରକାର ରାଜ୍ୟ ରାଜକୋଷକୁ ଖାଲି କରିଛନ୍ତି ଏବଂ ସମସ୍ତ ବିକାଶକୁ ବନ୍ଦ କରିଦେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ରାଜନାଥ ସିଂହ

ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଓଡ଼ିଶାର ରାୟଗଡ଼ା ଏବଂ ଭବାନୀପାଟଣା ଠାରେ ଦୁଇଟି ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ରାୟଗଡ଼ାର ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରି ଓଡ଼ିଶାବାସୀଙ୍କୁ ଏବେବି ମୌଳିକ ସୁବିଧା ଦେବାରେ ରାଜ୍ୟ ସରକାର ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ପୂର୍ବ ତୁଳନାରେ ଓଡ଼ିଶାରେ ଦାରିଦ୍ର୍ୟ ସଂଖ୍ୟାରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି ଏବଂ ଏହା କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା ଯୋଗୁଁ ସମ୍ଭବ ହୋଇଛି ବୋଲି ସେ କହିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିଲେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେବ ଏବଂ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟ ସୁବିଧା ମିଳିପାରିବ । ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ୫ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯିବା ନେଇ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି । କେନ୍ଦ୍ରରେ ଏନ୍.ଡି.ଏ. ସରକାର ଆସିବା ପରେ ଆତଙ୍କବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି ବୋଲି ସେ କହିଛନ୍ତି ।

ପୂର୍ବରୁ ଭବାନିପାଟଣା ଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ପ୍ରତ୍ୟେକ ଅଞ୍ଚଳ ବିକଶିତ ନ ହେବା ଯାଏଁ ବିକଶିତ ଭାରତ ସମ୍ଭବ ନୁହେଁ । ଏନ୍.ଡି.ଏ. ସରକାରଙ୍କ ପଦକ୍ଷେପ ଯୋଗୁଁ ଇତିମଧ୍ୟରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉଠିଛନ୍ତି । ଏହି ଜନସଭା ଗୁଡ଼ିକରେ ପ୍ରତିରକ୍ଷା ମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି କୋରାପୁଟର କୁନ୍ଦ୍ରା ଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଏହି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସହ ଛତିଶଗଡ଼ର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦିନେଶ କାଶ୍ୟପ ଉପସ୍ଥିତ ଥିଲେ ।

## ସୀତାରମଣ

ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଉଚ୍ଛେଦ କରାଯାଉଛି ଏବଂ ଏହା ବିଶୃଙ୍ଖଳିତ ଅବସ୍ଥାରେ ରହିଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧି କରିଥିବା ଅଭିଯୋଗକୁ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଖଣ୍ଡନ କରିଛନ୍ତି। ଶ୍ରୀ ଗାନ୍ଧୀଙ୍କ ଅଭିଯୋଗର ଜବାବ ଦେଇ ସୀତାରମଣ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ନରେନ୍ଦ୍ର ମୋଦୀ ସରକାରଙ୍କ ଅମଳରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡ଼ିକ

ସମୃଦ୍ଧ ହେଉଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ସେ ଅଭିଯୋଗ କରିଛନ୍ତି । ସେ ଆହୁରି କହିଛନ୍ତି, ବର୍ତ୍ତମାନର ସରକାର ପୁଞ୍ଜି ବ୍ୟୟ ଉପରେ ଧ୍ୟାନ ଦେବା ଦ୍ୱାରା ମଧ୍ୟ ସେମାନଙ୍କ ଷ୍ଟକ ପ୍ରଦର୍ଶନରେ ଯଥେଷ୍ଟ ବୃଦ୍ଧି ଘଟିଛି। ଶ୍ରୀମତୀ ସୀତାରମଣ ଆହୁରି ମଧ୍ୟ କହିଛନ୍ତି, ଭିତ୍ତିଭୂମି ବିକାଶ, ଶକ୍ତି ଏବଂ ଲଜିଷ୍ଟିକ୍ସ ଉପରେ ସରକାର ନେଇଥିବା ପଦକ୍ଷେପ ଯୋଗୁଁ ରେଳବାଇ, ସଡ଼କ, ଶକ୍ତି, ଧାତୁ, ନିର୍ମାଣ, ଭାରୀ ଉପକରଣ ଉତ୍ପାଦନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ସିଧାସଳଖ ଉପକୃତ ହେଉଛନ୍ତି ।

## ଫ୍ଲାଇଟ୍ କ୍ୟାନ୍ସଲ୍

ବିମାନ ଉଡ଼ାଣ ବାତିଲ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆ ଏକ୍ସପ୍ରେସଠାରୁ ରିପୋର୍ଟ ମାଗିଛି । ଏହି ପରିସ୍ଥିତିର ତୁରନ୍ତ ସମାଧାନ କରିବାକୁ ମଧ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ସୂଚନା ଯୋଗ୍ୟ ଏୟାର ଇଣ୍ଡିଆ ଏକ୍ସପ୍ରେସର କର୍ମଚାରୀମାନେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସାମୂହିକ ଛୁଟିରେ ରହିଥିବାରୁ ବହୁ ଆନ୍ତର୍ଜାତିକ ଏବଂ ଘରୋଇ ବିମାନ ଚଳାଚଳକୁ ବାତିଲ କରାଯାଇଥିଲା । ରିପୋର୍ଟ

ଅନୁଯାୟୀ, ଗତକାଲି ରାତିରୁ ବିମାନ ଉଡ଼ାଣ ବାତିଲ ଓ ବିଳମ୍ବ ଆରମ୍ଭ ହୋଇ ଆଜି ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା ।

## ଫୋର୍ଥଫେଜ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗ ୩୫୪ ଜଣ ପର୍ଯ୍ୟବେକ୍ଷକଙ୍କ ସହ ସମୀକ୍ଷା କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ମତଦାନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବାକୁ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ମତଦାନ କେନ୍ଦ୍ରଗୁଡ଼ିକରେ ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ସେ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ୟୁପି-କ୍ୟାମ୍ପେନିଂ

ଉତ୍ତରପ୍ରଦେଶରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ଲକ୍ଷ୍ମୀପୁର ଖେରୀ, ହରଦୋଇ ଓ କନୌଜ ଜିଲ୍ଲାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରଚାର କରିଛନ୍ତି । କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ

ଜାରି ରଖିବା ପାଇଁ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ସେ କହିଛନ୍ତି । ବିଜେପିର ବରିଷ୍ଠ ନେତା ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କାନପୁର, ଏଟାହା ଏବଂ ଶାହାଜାହାନପୁର ଜିଲ୍ଲାରେ ପ୍ରଚାର କରିଛନ୍ତି ।

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଆଜି ଦଳୀୟ ପ୍ରାର୍ଥୀ ରାହୁଲ ଗାନ୍ଧିଙ୍କ ପାଇଁ ରାୟବରେଲିରେ ସଭା ମାଧ୍ୟମରେ ସିଧାସଳଖ ଭୋଟରଙ୍କ ସହ ଆଲୋଚନା କରିଛନ୍ତି । ରାଇବରେଲିର ବଚରୱାନ ଅଞ୍ଚଳରୁ ସେ ପ୍ରଚାର ଆରମ୍ଭ କରିଥିଲେ । ସେ କହିଛନ୍ତି, କଂଗ୍ରେସ କ୍ଷମତାକୁ ଆସିଲେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ମନରେଗା କର୍ମୀଙ୍କ ମଜୁରୀ ଦୁଇଗୁଣା କରାଯିବ ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆଜି ଶାହାଜାହାନପୁରରେ ଏକ ରାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେହିଭଳି ଫରୁଖାବାଦ ଓ ହରଦୋଇରେ ସେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ରାଜନୈତିକ ରାଲିକୁ ସମ୍ବୋଧନ କରିଥିଲେ ।

ହରଦୋଇ ଜିଲ୍ଲାରେ ଏକ ରାଲିକୁ ସମ୍ବୋଧନ କରି ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ କହିଛନ୍ତି, ତାଙ୍କ ଦଳ ଜିତିବା ପାଇଁ ଅନ୍ୟ ଦଳର ସମର୍ଥନର ଆବଶ୍ୟକତା ନାହିଁ ।

## ଇଣ୍ଡିଆ-ଶ୍ରୀଲଙ୍କା

ଭାରତ ଏବଂ ଶ୍ରୀଲଙ୍କା ମିଳିତ ସହଯୋଗରେ କଲମ୍ବୋ ନିକଟସ୍ଥ ରାଗାମାଠାରେ ଏକ କୃତ୍ରିମ ଅଙ୍ଗ ପ୍ରସ୍ତୁତି ଶିବିର ଗତକାଲିଠାରୁ ଆରମ୍ଭ ହୋଇଛି । ସଶସ୍ତ୍ର ବାହିନୀର ଯବାନ ଏବଂ ଭିନ୍ନକ୍ଷମ ନାଗରିକଙ୍କୁ ସହାୟତା କରିବା ଲକ୍ଷ୍ୟରେ ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତର ହାଇକମିଶନର ସନ୍ତୋଷ ଝା ଏବଂ ଶ୍ରୀଲଙ୍କାର ପ୍ରତିରକ୍ଷା ମନ୍ତ୍ରୀ ପ୍ରୀତିତା ବନ୍ଦର ଥେନାକୁନ ଏହି ଶିବିରକୁ ଶୁଭାରମ୍ଭ କରିଛନ୍ତି । ୪୫ ଦିନ ଧରି ଏକ କୃତ୍ରିମ ଅଙ୍ଗ ଶିବିର ଚାଲିବ। ଶ୍ରୀଲଙ୍କା ରଣବୀରୁ ସେବା ପ୍ରାଧିକରଣ ଏବଂ ଭଗବାନ ମହାବୀର ବିକାଶ ସହାୟତା ସମିତିର ମିଳିତ ସହଯୋଗରେ ଭାରତୀୟ ମିଶନ ଦ୍ୱାରା ଆୟୋଜିତ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ୧୦୦୦ ଶ୍ରୀଲଙ୍କା ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରିବା ।

କଲମ୍ବୋ ଓ ବାଉନିଆରେ ଆୟୋଜିତ ହେବାକୁ ଥିବା ଏହି କୃତ୍ରିମ ଅଙ୍ଗ ପ୍ରସ୍ତୁତି ଶିବିରରେ ୮ ଜଣ ଭାରତୀୟ ବିଶେଷଜ୍ଞ ଯୋଗଦେଇଛନ୍ତି । ଏଥିରେ ୩୭୫ ଜଣ ସ୍ଥଳ ସେନା, ୭୫ ଜଣ ବାୟୁସେନା, ନୌସେନା ଏବଂ ପୋଲିସ କର୍ମଚାରୀଙ୍କ ସହ ୨୦୦ ସାଧାରଣ ନାଗରିକଙ୍କୁ ଏହି ଶିବିରରେ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଦ୍ୱିପାକ୍ଷିକ ସହଯୋଗ ଜାତୀୟ ନିରାପତ୍ତା ପାଇଁ ବଳିଦାନ ଦେଇଥିବା ଏବଂ ବର୍ତ୍ତମାନ

ଭିନ୍ନକ୍ଷମ କାରଣରୁ ଆହ୍ୱାନର ସମ୍ମୁଖୀନ ହେଉଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଉଭୟ ରାଷ୍ଟ୍ରର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ଆଇପିଏଲ୍

ଆଉ ଅଳ୍ପ ସମୟ ପରେ ଆଇପିଏଲ୍ କ୍ରିକେଟ୍‌ରେ ସନରାଇଜର୍ସ ଆଇଦ୍ରାବାଦ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ତାଲିକାରେ ଦୁଇଦଳ ସମାନ ସ୍ଥିତିରେ ଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ନେଇ ଆଶା କରାଯାଉଛି ।

## ଆଇଏମ୍‌ଡି ୱେଦର୍

ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତରେ ଘଡ଼ଘଡ଼ି, ବଜ୍ରପାତ ଓ ପବନ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୪ ଦିନ ମଧ୍ୟରେ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଏଭଳି ସ୍ଥିତି ରହିବ ବୋଲି କୁହାଯାଇଛି ।

ତେବେ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ କହିଛି। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ପୁଡୁଚେରୀ ଏବଂ ଉପକୂଳ ଗୁଜରାଟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଅନୁଭୂତ ହେବା ସହ ପାଗ ଆର୍ଦ୍ର ରହିବ।

ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ ଓ କର୍ଣ୍ଣାଟକରେ ବର୍ଷା ହେବ। ସେହିଭଳି ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ପବନ ବହିବା ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ । ଦେଶର ଅବଶିଷ୍ଟ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ବୋଲି ଆଇ.ଏମ୍.ଡି. କହିଛି ।